# ରୋଗୀ ସେବାରେ ଅବ୍ୟବସ୍ଥା

**ବୁଗୁଡ଼ା,୩।୬(ଡି.ଏନ.ଏ.)**

ଗାଁ ଗାଁରେ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ନିରାମୟ ଯୋଜନାରେ ମାଗଣା ଔଷଧ ସାଙ୍ଗକୁ ନିଦାନ ଯୋଜନାରେ ମାଗଣା ପରୀକ୍ଷା ଓ ଗରୀବଙ୍କୁ ବିଭିନ୍ନ ମେଡିକାଲରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ହେଲେ ଅଧିକାଂଶ ମେଡିକାଲରେ ଡାକ୍ତର ନଥିବା ବେଳେ ରୋଗ ପରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଓ ଟେକନିଶିଆନ ନଥିବାରୁ ସରକାରଙ୍କ ସବୁ ଯୋଜନା ଯେମିତି ପ୍ରହସନ ପାଲଟିଛି। ଏହାର ନଗ୍ନ ଉଦାହରଣ ସାଜିଛି ବୁଗୁଡ଼ା ମେଡିକାଲ। ଏଠି ନାଁ ଅଛନ୍ତି ଆବଶ୍ୟକ ଡାକ୍ତର ନା ଅଛି ବିଲଡିଂ। ଯେଉଁ ପୁରୁଣା ବିଲଡିଂ ଥିଲା ତାକୁ ପୁନଃ ଉଦ୍ଧାର ନାଁରେ ଭାଙ୍ଗି ଦିଆଯାଇଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି କୋଠା



ଭାଙ୍ଗି ପଡିଛି ପୁରୁଣା କୋଠା ।

କାମ କଚ୍ଛପ ଗତିରେ ଚାଲିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ନିଅଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଆଗାମୀ ଜୁଲାଇ ମାସ ସୁଦ୍ଧା ଏହି କାମ କେମିତି ସରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବୁଗୁଡ଼ା ଓ ଜଗନ୍ନାଥପ୍ରସାଦ ବ୍ଲକର ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ବିଲଡିଂ ଅଭାବରୁ ଗୋଟିଏ ଛୋଟ କୋଠରୀରେ ପ୍ରତିଦିନ ରୋଗୀ ଚିକିତ୍ସା ପାଇଁ ଜଣେ ମାତ୍ର ଡାକ୍ତର ବସୁଛନ୍ତି। ଫଳରେ ଆଉଟଡୋର ରୋଗୀ ମାନେ ଡାକ୍ତରଙ୍କୁ ଦେଖା କରିବାକୁ ଘଣ୍ଟା ଘଣ୍ଟା ଧରି ଖରା ଗରମରେ ସିଝୁଥିବା ବେଳେ ଗ୍ୟାରେଜ ଭିତରେ ଇଣ୍ଡୋର ରୋଗୀ କଲ ବଲ ହେଉଛନ୍ତି। ସେପଟେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର

## ବୁଗୁଡ଼ା ମେଡିକାଲ

ମଧ୍ୟ ନାହାନ୍ତି। ଏଠି ମେଡ଼ିସିନ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ଗୋଟିଏ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ କେହି ମେଡିକାଲ ଇନଚାର୍ଜ ନଥିବାରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁଭାଶିଷ ପାଣିଗ୍ରାହୀଙ୍କୁ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି। ମେଡିକାଲକୁ ଆସୁଥିବା ରୋଗୀଙ୍କୁ ମାଗଣା ପରୀକ୍ଷା କରିବା ପାଇଁ 'ନିଦାନ' ଯୋଜନା କାର୍ଯ୍ୟକାରୀ ହେଉଛି ହେଲେ ରୋଗୀଙ୍କ ବିଭିନ୍ନ ପରୀକ୍ଷା ପାଇଁ ନା ଅଛି ମେଶିନ ନା ଅଛନ୍ତି ଟେକନିସିଆନ। ଏକ୍ସରେ ମେସିନ ଓ ଅଟୋ ଆନାଲାଇଜର ମେସିନ ନଥିବା ବେଳେ ଲାବ ଟେକନିସିଆନ ଓ ରେଡ଼ିଓଗ୍ରାଫର ପଦବୀରେ କେହି ନାହାନ୍ତି। ଫଳରେ ଘରୋଇ ନିଦାନ କେନ୍ଦ୍ର ଉପରେ ରୋଗୀ ମାନେ ନିର୍ଭର କରିବାକୁ ବାଧ୍ୟ ହେବା ସହ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ବର୍ତ୍ତମାନ ୧୬ ଶଯ୍ୟା ଥିବା ଏହି ମେଡିକାଲର ନୂତନ କୋଠା ନିର୍ମାଣ ହେଲେ ୨୫ ଶଯ୍ୟାକୁ ବୃଦ୍ଧି ପାଇବ। ହେଲେ ଡାକ୍ତର ଅଭାବ ସାଙ୍ଗକୁ ଆବଶ୍ୟକ ଯନ୍ତ୍ରାଂଶ ଓ କର୍ମଚାରୀ ନଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ଏବଂ ସାମାନ୍ୟ ରୋଗ ଓ ଦୁର୍ଘଟଣାରେ ଆହତଙ୍କୁ ବ୍ରହ୍ମପୁର ରେଫେର କରାଯାଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଗୁଡ଼ିକ ପ୍ରକୃତ ଭାବେ ସଚେତନ କରାନଯାଇ କେବଳ କାଗଜପତ୍ରରେ କରାଯାଉଥିବା ନେଇ ବୁଦ୍ଧିଜୀବୀ ମହଲରୁ ବେଶ୍ ଅଭିଯୋଗ ହେଉଛି। ତେଣୁ ଏହାର ପ୍ରତିକାର ସମ୍ପର୍କରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ସହ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ବୁଗୁଡ଼ା ମେଡିକାଲ କୋଠା କାର୍ଯ୍ୟ ଶେଷ କରିବା ସହ ଖାଲି ପଡ଼ିଥିବା ଡାକ୍ତର ଓ ଟେକନିସିଆନ ପଦବୀ ପୂରଣ ଏବଂ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ

ଆସିକା,୩।୬(ଡି.ଏନ୍.ଏ)-ଆସିକା ଏନଏସି ପାକଲାପଲ୍ଲୀ ଗ୍ରାମରେ ନବନିର୍ମିତ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିଲାଗି ବୁଧବାର ନୂତନ ମନ୍ଦିର ସମ୍ମୁଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କର୍ମକାଣ୍ଡବିତ ଲଡୁକିଶୋର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ବଦ୍ରିନାରାୟଣ କର, ବିକ୍ରମାଦିତ୍ୟ କର, ହିମାଂଶୁ ଶେଖର କର, ରବିନ୍ଦ୍ର କର, ବ୍ରହ୍ମକୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା କାର୍ଯ୍ୟ ଶାସ୍ତ୍ର ମୁତାବକ ସୂଚାରୁ ସମ୍ପାଦନ ଲାଗି ଆଲୋଚନା କରିଥିଲେ । ଗ୍ରାମ ସଭାପତି ସନ୍ତୋଷ କୁମାର ପୋଲାଇଙ୍କ ଅଧକ୍ଷତାରେ ସୀମାଞ୍ଚଳ ପରିଡା, ପ୍ରିୟାଂଶୁ ଶେଖର ପରିଡା, ରମେଶ ଚନ୍ଦ୍ର ପୋଲାଇ, ମଧୁସୂଦନ ପରିଡା, ରବିନ୍ଦ୍ର ନାଥ ପୋଲାଇ, ସାଇଶଙ୍କର ପୋଲାଇ, ଅମିତ କୁମାର ପୋଲାଇ, କୈଳାସ ଚନ୍ଦ୍ର ପୋଲାଇ, ରାମଚନ୍ଦ୍ର ପରିଡା, ଶିବରାମ ଗୌଡ, ଅନ୍ତର୍ଯ୍ୟାମୀ ପୋଲାଇ ପ୍ରମୁଖ ଯୋଗଦେଇ ଏହି ପ୍ରତିଷ୍ଠା କାର୍ଯ୍ୟର ସଫଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ ।

### ବିଭିନ୍ନ ଗ୍ରାମାଞ୍ଚଳରେ ଅବକାରୀ ଚଢ଼ାଉ

ପାରଳାଖେମୁଣ୍ଡି,୩।୬(ଡି.ଏନ୍.ଏ.)- ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲା ଅବକାରୀ ଭ୍ରାମ୍ୟମାଣ ଟିମ ଏବଂ ଅବକାରୀ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୧୨୦୦ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରାଯାଇଥିବା ବେଳେ ୧୬୦ ଲିଟର ଦେଶୀ ରନ୍ଧାମଦ ଜବତ ହୋଇଛି। ଏଥିସହ ମଦରନ୍ଧା ସାମଗ୍ରୀ ମଧ ଜବତ କରାଯାଇଛି। ଚଢ଼ାଉ କରାଯାଇଥିବା ଗ୍ରାମାଞ୍ଚଳ ଗୁଡିକ ହେଲା ଯଥା ଲାଞ୍ଜିପଦର, ନାରାୟଣପୁର, ତାଟିପାଟି, ଭୁଷୁକୁଡି, ଗୁରାଣ୍ଡି ଆଦି ଗ୍ରାମାଞ୍ଚଳ।

### ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ

ଫୁଲବାଣୀ ଅଫିସ, ୨।୬- ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶିଶୁ ଶ୍ରମିକ ନିରାକରଣ ଉପରେ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲା ଶ୍ରମ ଅଧିକାରୀ ତେଜ୍ କୁମାର ବାଗେ, ସହକାରୀ ଜିଲାପାଳ ରବିନ୍ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ଶୁଭଦର୍ଶିନୀ ନାୟକ, ଗ୍ରାମ୍ୟ ଶ୍ରମ ନୀରିକ୍ଷକ କେଶବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ ସନ୍ଦେହ

ଶେରଗଡ଼,୩।୬(ଡି.ଏନ୍.ଏ.)- ଶେରଗଡ଼ବ୍ଲକ ଲାଞ୍ଜିଆପଲ୍ଲୀ ଗ୍ରାମରେ ଶୁକ୍ରବାର ଜଣେମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜା ସ୍ୱାଇଁ (୪୧)। ଜା ନିଜ ବାଡ଼ି ପଟେ ଯାଇଥିବା ବେଳେ ହଠାତ ତଳେ ପଡିଯାଇଥିଲେ। ତାଙ୍କୁ ଶେରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ. ୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସାପ କାମୁଡ଼ି ମହିଳାଙ୍କ ମୃତ୍ୟୁ ହୋଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

### ଖାଣ୍ଡବାରେ ତାରିଣୀ ମନ୍ଦିର ପ୍ରତିଷ୍ଠା

କାଶୀନଗର,୩।୬-କାଶୀନଗର ବ୍ଲକ ଖାଣ୍ଡବା ଗ୍ରାମରେ ମା' ତାରିଣୀଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୩ଦିନ ଧରି ଘଟପୂଜା, ଆବାହନ, ଶାଲା ପୂଜା, ଅଧିବାସ, କଳସ ଜଳ ସ୍ନାନ, ଯଜ୍ଞ, ହୋମ ଆଦି କରାଯାଇ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଛି। କାର୍ଯକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ତିରୁପତି ପାଣିଗ୍ରାହୀ, ବ୍ଲକ ଅଧକ୍ଷା ବାଲା ସାଇଆମ୍ମା ପ୍ରମୁଖ ଯୋଗ ଦେଇଥିଲେ। ସମିତିସଭ୍ୟ ଜଗନ୍ନାଥ ଦୋରା, ନାଏବ ସରପଞ୍ଚ ରକମ ସତୀସ, କୃଷ୍ଣଚନ୍ଦ୍ର ଦୋରା, ବ୍ରଜ ନାୟକ ପ୍ରମୁଖ ପ୍ରତିଷ୍ଠା ଉତ୍ସବ ପରିଚାଳନା କରିଥିଲେ।

# ଡାକ ମଣ୍ଡଳ ପ୍ରତିଷ୍ଠାର ବାର୍ଷିକ ଉତ୍ସବ

**ଆସିକା,୩।୬(ଡି.ଏନ୍.ଏ)**

ଆସିକା ଡାକମଣ୍ଡଳ ପ୍ରତିଷ୍ଠାର ୩୮ତମ ବାର୍ଷିକ ଉତ୍ସବ ଡାକମଣ୍ଡଳ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଡାକମଣ୍ଡଳ ଅଧିକାରୀ ଭାଗ୍ୟଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଜୀବନ ବୀମା ନିଗମର ଶାଖା ପରିଚାଳକ ରିଷିକେଶ ଦୋରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ମୁଖ୍ୟ ଡାକଘର ଡାକପାଳ ନିତ୍ୟାନନ୍ଦ ଦାସ ଶର୍ମା, ଆସିକା ମୁଖ୍ୟ ଡାକଘର ଡାକପାଳ ଜିତେନ୍ଦ୍ର କୁମାର ସ୍ୱାଇଁ, ବ୍ୟବସାୟିକ କାର୍ଯ୍ୟନିର୍ବାହୀ ପ୍ରତାପ ଚନ୍ଦ୍ର ସ୍ୱାଇଁ, କର୍ମଚାରୀ ସଂଘ ନେତା ବସନ୍ତ କୁମାର ପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନିଲ କୁମାର ମୁନୀ, ଜିତେନ୍ଦ୍ର କୁମାର ପଣ୍ଡା, ଦିପକ କୁମାର ପାଣିଗ୍ରାହୀ, ସନ୍ଦିପ କୁମାର ସାହୁ, ଅନିଲ କୁମାର ସାହୁ, ପ୍ରଭାତ କୁମାର ପ୍ରଧାନ, ରବିନ୍ଦ୍ର କୁମାର ପାତ୍ର, କୃଷ୍ଣମୂର୍ତ୍ତି ପାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

# ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭାର ସ୍ୱତନ୍ତ୍ର ବୈଠକ

**ନୂଆଗଡ଼,୩।୬**

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ପଞ୍ଚାୟତ ଅଧୀନ କିଣ୍ଟୁଆର ଗ୍ରାମ ଠାରେ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିପିଆଇ (ଏମଏଲ) ଲିବରେସନର ସଭାପତି ତ୍ରିପତି ଗମାଙ୍ଗ, ରାଜ୍ୟ କମିଟି ସଭ୍ୟ ଭରତ ଶବର, ସରପଞ୍ଚ ସରମନ ଚନ୍ଦ୍ର ମଣ୍ଡଳ ସମେତ ସଦସ୍ୟ ସିଲବାନ ମଣ୍ଡଳ, ଜୀବନ ଗମାଙ୍ଗ ଓ ସଞ୍ଜନ ମଣ୍ଡଳ ଉପସ୍ଥିତ ଥିଲେ। ଏହି ବୈଠକରେ ଚଳିତ ଜୁନ ୬ରେ କୃଷକମାନଙ୍କ ତରଫରୁ




ବୈଠକରେ ଉପସ୍ଥିତ ସିପିଆଇ (ଏମଏଲ) ନେତୃବୃନ୍ଦ।

ଦେଶବ୍ୟାପୀ ପ୍ରତିବାଦ, ସେହି ମାସ ୧୭ରେ ତାବରଡା ଗ୍ରାମରେ ବ୍ଲକ ସମ୍ମିଳନୀ ଅନୁଷ୍ଠିତ କରାଯିବା ଭଳି ଅନେକ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଅଞ୍ଚଳର ଶତାଧିକ ଆଦିବାସୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବୈଠକକୁ ସଭାପତି ନରସିଂହ ମଣ୍ଡଳ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କାଠ ଚାଲାଣ ବେଳେ ଘାଟିରେ ଓଲଟିଲା ଟ୍ରାକ୍ଟର

**ଆର.ଉଦୟଗିରି,୩।୬(ଡି.ଏନ.ଏ.)**

ଚୋରା କାଠ ଚାଲାଣ ହେଉଥିବା ଏକ ଟ୍ରାକ୍ଟର ଗଜପତି ଜିଲା ଅଡ଼ବା ଥାନା ପାହାଡିମା ଘାଟିରେ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ମୋହନା ବନ ବିଭାଗ ଓ ଅଡବା ବନପାଳ ପ୍ରଶାନ୍ତ ବେହେରା, ବନ କର୍ମଚାରୀ ଓ ଏଏସ୍ଏସ୍ ସ୍କ୍ୱାର୍ଡ ପହଞ୍ଚି କାଠ ସହ ଏକ ନମ୍ବର ବିହୀନ ଟ୍ରାକ୍ଟର ଓ ପାଟ୍ରୋଲିଂ କରି ଯାଉଥିବା ଗୋଟିଏ ବାଇକ ଜବତ କରିଛି । ଏହି ଘଟଣାରେ କଟାମା ଗାଁର ଗାଡି ଚାଳକ ସୁଧାକର ବେହେରା ଓ ପଣସଡିହ ଗାଁର ଦିବାକର ଦଳାଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁହେଁ ଅଡବା ଥାନା ଖାରିଗୁଡ଼ା ପଞ୍ଚାୟତ ବେତଗଣ୍ଡା ବିଟ୍ ଅଞ୍ଚଳରୁ ଟ୍ରାକ୍ଟରରେ ପିଆଶାଳ ସାଇଜ କାଠ ବୋଝେଇ କରି ଗଞ୍ଜାମ ଜିଲା ଗୌଡଗୋଠ ଗ୍ରାମ ଅଭିମୁଖେ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି।

### ପୂର୍ବତନ ସରପଞ୍ଚ ଗ୍ରାମରୁ ବାସନ୍ଦ ଘଟଣା

# ଗ୍ରାମବାସୀଙ୍କ ଅଭିଯୋଗକୁ ଖଣ୍ଡନ କଲେ ପୂର୍ବତନ ସରପଞ୍ଚ

### ଚାଲିଛି ଆରୋପ ପ୍ରତ୍ୟାରୋପ, ସମାଧାନ ପାଇଁ ଉଦ୍ୟମ ଜାରି

**ଗଞ୍ଜାମ,୩।୬(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଡି.ନିରଞ୍ଜନ ରେଡ୍ଡୀଙ୍କ ସମେତ ୪ ପରିବାରଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିବା ଘଟଣା ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ଏନେଇ ପୂର୍ବତନ ସରପଞ୍ଚ ରେଡ୍ଡୀ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୨୩୮/୨୨ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ରମ୍ଭା ପୋଲିସ ପକ୍ଷରୁ କୁହାଯାଇଛି। ବାସନ୍ଦ ପରେ ଉଭୟ ଗ୍ରାମବାସୀ ଓ ବାସନ୍ଦ ପରିବାର ପକ୍ଷରୁ ଚାଲିଛି ଆରୋପ ପ୍ରତ୍ୟାରୋପ। ଅନ୍ୟପଟେ ଗ୍ରାମବାସୀଙ୍କ ତରଫରୁ ମଧ ଏକ ଅଭିଯୋଗ ଥାନାରେ ପହଞ୍ଚିଛି। ସେଥିରେ ଦର୍ଶାଯାଇଛି ଯେ ସରପଞ୍ଚ ଥିବା ବେଳେ ରେଡ୍ଡୀ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସିଥିବା ଟଙ୍କା ହଡପ କରିଛନ୍ତି। ଏଥିସହ କୋଠ ଟଙ୍କା ପୈଠ କରି ନଥିବା ଗ୍ରାମବାସୀଙ୍କ ତରଫରୁ ସଭାପତି କେ.ଡିଲୁ ରେଡି, ଡି.ନର ରେଡ୍ଡୀ, ଏସ.ରାମଚନ୍ଦ୍ର ରେଡ୍ଡୀ ପ୍ରମୁଖ ଅଭିଯୋଗ ଆଣିଛନ୍ତି। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ପୂର୍ବତନ ସରପଞ୍ଚ ଖଣ୍ଡନ କରିବା ସହ ଅଭିଯୋଗ ଭିତ୍ତି ହିନ ବୋଲି କହିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର କେତେଜଣଙ୍କ ଯୋଗୁ ଏଭଳି ଘଟଣା ଘଟିଛି। ଅନ୍ୟପଟେ ଉକ୍ତ ଘଟଣା ଆସନ୍ତା ଦୁଇ ଦିନ ମଧ୍ୟରେ ସମାଧାନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ରମ୍ଭା ଥାନା ଅଧିକାରୀ ପି ସ୍ୱରୂପ କିସାନ। ସୂଚନା ଯୋଗ୍ୟ, ଗତ କିଛିଦିନ ହେଲା କାର୍ତ୍ତିକଢ଼ି ଗ୍ରାମରେ ପୂର୍ବତନ ସରପଞ୍ଚ ଡି.ନିରଞ୍ଜନ ରେଡ୍ଡୀ ଓ ଉକ୍ତ ଗ୍ରାମର ସରପଞ୍ଚଙ୍କ ସହଯୋଗୀଙ୍କୁ ଗ୍ରାମରୁ ବାସନ୍ଦ ପରେ ପୂର୍ବତନ ସରପଞ୍ଚ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ ରହୁଥିବା ଜଣାପଡିଛି।

# ବାଲ୍ୟବିବାହ ରୋକିଲା ପ୍ରଶାସନ

**ପାରଳାଖେମୁଣ୍ଡି,୩।୬(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମ୍ମା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ବାଲ୍ୟ ବିବାହ ସମ୍ପର୍କରେ ଗୁମ୍ମା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଅନିତା ରାଣୀ ପଟ୍ଟନାୟକ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହା ପରେ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମରେ ଆଇସିଡିଏସ ସୁପରଭାଇଜର ସୁଲିଳା ଅଧିକାରୀ, ଗୁମ୍ମା ଥାନାଧିକାରୀ ଜୟପ୍ରକାଶ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପରିବେଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା, ସଖୀ ୱାନ ଷ୍ଟପ୍ ସେଣ୍ଟରର କେସ୍ ୱାର୍କର ସୁଶ୍ରୀ ସୁନିତା ବେହେରା, ଆକ୍ସନ ଏଡ୍‌ର ଜିଲା ପ୍ରତିନିଧି ବିକାଶ, ଚାଇଲ୍ଡ ଲାଇନ ସଦସ୍ୟ ଜିକରିୟ ରଇତ ଏବଂ ଅଙ୍ଗନବାଡି କର୍ମୀ ନିରୂପମା ପାଣିଗ୍ରାହୀ ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ଝିଅର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରି ଅଭିଭାବକଙ୍କୁ ବାଲ୍ୟ ବିବାହ କୁପ୍ରଭାବ ବିଷୟରେ ବୁଝାଇଥିଲେ। ଝିଅକୁ ୧୮ ବର୍ଷ ପୂରଣ ନ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଯଦି ଏଥିରେ ଖିଲାପ କରିବେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଅଭିଭାବକ ଗ୍ରାମବାସୀଙ୍କ ଉପସ୍ଥିତିରେ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ସହ ଥଇଥାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ନିରୀହଙ୍କୁ ଗିରଫ ନେଇ ଥାନାରେ ଗ୍ରାମବାସୀଙ୍କ ପ୍ରତିବାଦ

**ଜି.ଉଦୟଗିରି,୩।୬(ଡି.ଏନ୍.ଏ.)**

ପୁରୁଣା ୱାରେଣ୍ଟ ବଳରେ ନିରୀହ ବ୍ୟକ୍ତିଙ୍କୁ ଗିରଫ ଏବଂ କୋର୍ଟଚାଲାଣ ପ୍ରତିବାଦରେ ଜି.ଉଦୟଗିରି ଥାନାରେ ଗୁଦାଙ୍ଗିଆବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ସଞ୍ଜୀବ ପ୍ରଧାନଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ପୋଲିସ ଗୁଦାଙ୍ଗିଆ ଗ୍ରାମର ପ୍ରଭୁରଶ୍ମି ପ୍ରଧାନ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ଗିରଫ କରିଛି ବୋଲି ସେମାନେ କହିଛନ୍ତି। ଗ୍ରାମବାସୀଙ୍କ ସହ ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଗଦଗୁଡା ସରପଞ୍ଚ ପୁଷ୍ପଲତା ପ୍ରଧାନ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଥାନାରେ ପହଞ୍ଚି ପୋଲିସର ଏପରି ପଦକ୍ଷେପକୁ ବିରୋଧ କରିଥିଲେ। ଜି.ଉଦୟଗିରି ପୋଲିସ ୨୦୦୮ର ଜିଆର୍ କେସ୍ ନମ୍ବର ୩୫୬




ଗ୍ରାମବାସୀଙ୍କ ପ୍ରତିବାଦ।

(ଏଫ୍)ର ଏକ ପୁରୁଣା କେସ୍‌ରେ ପ୍ରଭୁରଶ୍ମି ପ୍ରଧାନଙ୍କୁ ଗତ ୨୮ରେ କୋର୍ଟ ଚାଲାଣ କରିଛି। ସଞ୍ଜୀବଙ୍କ ନାମରେ ୱାରେଣ୍ଟ ଥିବା ବେଳେ ପ୍ରଭୁରଶ୍ମିଙ୍କୁ କିପରି ଗିରଫ କରାଗଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଜି.ଉଦୟଗିରି ପୋଲିସ ଯିଏ ସଞ୍ଜୀବ ସେ ହିଁ ପ୍ରଭୁରଶ୍ମି ବୋଲି ସଫେଇ ଦେଉଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଲୋଚନା ହେଉଛି। ପୋଲିସ ଯଦି ଭୁଲ୍‌ରେ ଏପରି ଗିରଫ କରିଥାଏ ତା'ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗ୍ରାମବାସୀ କହିବା ସହ ଶୀଘ୍ର ପ୍ରଭୁରଶ୍ମିଙ୍କୁ ଖଲାସ ପାଇଁ ଦାବି କରିଛନ୍ତି।

# ଚିତ୍ରଶିଳ୍ପୀ ଦୁର୍ଗାଚରଣଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର,୩।୬(ଡି.ଏନ୍.ଏ.)**

ଛତ୍ରପୁରସ୍ଥ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ଚିନ୍ତନ ବୈଠକ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବାସିନ୍ଦା ବିଶିଷ୍ଟ ଚିତ୍ରଶିଳ୍ପୀ ଦୁର୍ଗାଚରଣ ପଣ୍ଡା ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ମାନପତ୍ର, ଉପଢୌକନ ଓ ପଦକ ସହ ସମ୍ବର୍ଦ୍ଧିତ ହୋଇଛନ୍ତି। ଛତ୍ରପୁରର ବିଭିନ୍ନ ସାରସ୍ୱତ ସଂଗଠନ କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ଓ ସାଧାରଣ ନାଗରିକଙ୍କ ତରଫରୁ ତାଙ୍କ ଗାରିମା ଏବଂ ସାମାଜିକ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ତାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମଣ ପଣ୍ଡା ଦୁର୍ଗାଚରଣଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ । ବୈଠକରେ




ଉପସ୍ଥିତ ବୁଦ୍ଧିଜୀବୀ ।

## ସାରସ୍ୱତ ଚିନ୍ତନ ବୈଠକ

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅଧ୍ୟାପକ ଡ଼ଃ.ଭି.ରାଜେନ୍ଦ୍ର ରାଜୁ, ବରିଷ୍ଠ ଶିକ୍ଷାବିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ସେଠୀ, କବି ସୋମନାଥ ସାହୁ, କୃତୀବାସ ପାଣିଗ୍ରାହୀ, କବି ଡ଼.ପ୍ରଶାନ୍ତ ଶତପଥୀ, ରବିନ୍ଦ୍ର ନାଥ ପଣ୍ଡା ପ୍ରମୁଖ ତାଙ୍କର ମହତ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଛତ୍ରପୁର ସାହିତ୍ୟ ସଂସଦର ସମ୍ପାଦକ ଦିଲୀପ ପଲେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି କେ.ସତ୍ୟନାରାୟଣ ରେଡ୍ଡୀ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ପଣ୍ଡା ସହଯୋଗ କରିଥିଲେ ।

# ବିଶ୍ୱ ସାଇକେଲ ଦିବସ

**ପାରଳାଖେମୁଣ୍ଡି,୩।୬(ଡି.ଏନ୍.ଏ.)**

ଗଜପତି ଜିଲା ନେହେରୁ ଯୁବ କେନ୍ଦ୍ର ତରଫରୁ ଶୁକ୍ରବାର ପାରଳାଖେମୁଣ୍ଡି ଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ଜୁବୁଲି ଚରଣ ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ରହିବାକୁ ହେଲେ ବ୍ୟାୟାମ, ଦୌଡ, ଖେଳକୁଦ ଛଡା ସାଇକେଲ ଚାଳନା କରିବା ଆବଶ୍ୟକ। ସାଇକେଲ ବ୍ୟବହାର ଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି ହେବ ବୋଲି କହିଥିଲେ। ଏହି ଅବସରରେ ସାଇକେଲ ସଚେତନତା ବାର୍ତ୍ତାକୁ ନେଇ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ରାଲିରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ଏନୱାଇକେର ସଦସ୍ୟ ମାନେ ଯୋଗଦେଇ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଜିଲା ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସ୍ୱେଚ୍ଛାସେବୀ ବି.ଭବାନୀ ପ୍ରସାଦ, ଏ.ମହେଶ୍ୱର ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସମସ୍ୟା ନେଇ ନବନିର୍ବାଚିତ ପ୍ରତିନିଧିଙ୍କ ଆଲୋଚନାଚକ୍ର

**ଦାରିଙ୍ଗବାଡ଼ି,୩।୬(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ ଗୁରୁବାର ସରପଞ୍ଚମାନଙ୍କୁ ନେଇ ବ୍ଲକରେ ରହିଥିବା ସ୍ୱାସ୍ଥ୍ୟ ଏବଂ ସାମାଜିକ ସମସ୍ୟାର ସମାଧାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ଅନେକ ଗ୍ରାମ ଅପହଞ୍ଚ ଇଲାକାରେ ରହିଥିବା ବେଳେ ଅପପୁଷ୍ଟି, ଶିଶୁ ଓ ମାତୃ ମୃତ୍ୟୁ, ବାଲ୍ୟବିବାହ, ପ୍ରବାସୀ ଶ୍ରମିକ ସଂଖ୍ୟା ବୃଦ୍ଧି ଏବଂ ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସାଧାରଣ ଗରିବ ଲୋକଙ୍କୁ ଶୋଷଣ ଆଦି ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାଚକ୍ରକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପରିଚାଳନା କରିଥିଲେ। ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାରଙ୍କ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଲୋକପ୍ରତିନିଧି।

ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ସରପଞ୍ଚଙ୍କୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅଞ୍ଜଳି ମହାପାତ୍ର ଅବଗତ କରାଇଥିଲେ। ସରପଞ୍ଚମାନଙ୍କ ସହଯୋଗ ରହିଲେ ସଫଳତାର ସହ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇପାରିବ ବୋଲି କହିଥିଲେ। ପଞ୍ଚାୟତ ଅଞ୍ଚଳକୁ ବାଲ୍ୟବିବାହମୁକ୍ତ କରିବା ଲାଗି ସଂକଳ୍ପ ନିଆଯାଇଥିଲା। ସେହିପରି ବ୍ଲକ ତଥା ଜିଲାରେ ପ୍ରବାସୀ ଶ୍ରମିକ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ମାଲିକମାନେ ଆଖି ବୁଜିଦେବା ଓ ଶ୍ରମିକଙ୍କ ମୃତ୍ୟୁ କିମ୍ବା ଅଙ୍ଗହାନି ହେଲେ ପରବର୍ତ୍ତୀ ସମୟରେ ଶ୍ରମିକଟି ଦୁର୍ଦ୍ଦିନରେ ଦିନ କାଟିବା ଆଦି ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ପ୍ରତି ପଞ୍ଚାୟତରେ ଥିବା ଶ୍ରମିକ ପଞ୍ଜୀକରଣକୁ କଡ଼ାକଡ଼ି କରିବା, ଶ୍ରମିକମାନଙ୍କର ଜୀବନ ବୀମା ଓ ଶ୍ରମିକମାନେ କାମ କରୁଥିବା କମ୍ପାନୀଗୁଡ଼ିକ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ଚାପ ସୃଷ୍ଟି କରାଯିବାକୁ ଆଲୋଚନାଚକ୍ରରେ ନିଷ୍ପତ୍ତି ନିଆଯାଇଛି। ଜାଗୃତିର ପ୍ରକଳ୍ପ ସଂଯୋଜକ ଧନେଶ୍ୱର ସାହୁ ସମସ୍ତ ଉପସ୍ଥିତଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ଲକ ଉପାଧ୍ୟକ୍ଷା ସସ୍ମିତା ପ୍ରଧାନ, ଗ୍ରାମ ବିକାଶର ପ୍ରକଳ୍ପ ସଂଯୋଜକ ଯୋଭିନଙ୍କ ସମେତ ଦାରିଙ୍ଗବାଡ଼ି, ସିଆଙ୍ଗବାଲି, ଦନେକବାଡ଼ି, ଭ୍ରମରବାଡ଼ି, ପର୍ଣ୍ଣମାହା, ଦାସିଂବାଡ଼ି, ହାତୀମୁଣ୍ଡା, ତାଜୁଙ୍ଗିଆ, ବାଡାବାଙ୍ଗା, କିରକୁଟି, ଡିଲେଶରୀ, ବୁଡାଗୁଡ଼ା, ଶ୍ରାମନିକେତା ଏବଂ ପ୍ଲିହେରୀ ଆଦି ପଞ୍ଚାୟତର ସରପଞ୍ଚମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଏସ୍‌ଏସ୍ କୋଠାକୁ ସ୍ଥାନାନ୍ତର ହେବ ଏମ୍‌କେସିଜି ଆଇସିୟୁ

**ବ୍ରହ୍ମପୁର ଅଫିସ,୩।୬:** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଆଇସିୟୁ ମେଡିସିନ ବିଭାଗରୁ ସୁପରସ୍ପେଶାଲିଟି (ଏସ୍‌ଏସ୍) କୋଠାକୁ ସ୍ଥାନାନ୍ତର ହେବ। ମେଡିସିନ ବିଭାଗ କୋଠା ମରାମତି କାର୍ଯ୍ୟ କରାଯିବାକୁ ଥିବାରୁ ୨୦ ଶଯ୍ୟାର ଆଇସିୟୁକୁ ସୁପରସ୍ପେଶାଲିଟି କୋଠାକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି। ସେହିପରି ସୁପରସ୍ପେଶାଲିଟି କୋଠାରେ ୫୪ ଶଯ୍ୟାର ଆଇସିୟୁ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। ଏମକେସିଜିରେ ନୂତନ ଭାବେ ୪ ଆନେସ୍ଥେସିଆ ବିଭାଗ ପିଜି ଡାକ୍ତର ଯୋଗଦେଇଥିବାରୁ ୫୪ ଶଯ୍ୟାର ଆଇସିୟୁ କାର୍ଯ୍ୟକ୍ଷମ କରାଯାଇପାରିବ ବୋଲି ଅଧକ୍ଷ ତଥା ଡିନ ପ୍ରଫେସର ଡା. ଅବନୀ କାନ୍ତ ମିଶ୍ର ସୂଚନା ଦେଇଛନ୍ତି। ତେବେ ସୁପରସ୍ପେଶାଲିଟି କୋଠାରେ ଆଇସିୟୁ ଖୋଲିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧକ୍ଷ ଡ. ମିଶ୍ର ଏମକେସିଜିର ଅଧୀକ୍ଷକଙ୍କ ସମେତ ମେଡିସିନ, ଆନେସ୍ଥେସିଆ, ହାର୍ଟ ଓ ସର୍ଜରୀ ବିଭାଗ ମୁଖ୍ୟଙ୍କୁ ଚିଠି ମାଧମରେ ଜଣାଇଛନ୍ତି ବୋଲି କହିଛନ୍ତି।

### ଆକ୍ରମଣ ମାମଲାରେ ଦୁଇ ଗିରଫ

**ବ୍ରହ୍ମପୁର ଅଫିସ,୩।୬:** ବରଯାତ୍ରୀରେ କନ୍ୟା ପକ୍ଷର ସମ୍ପର୍କୀୟଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହି ରାହୁଲ ନାୟକ ଓ ସୁନୀଲ ନାୟକ। ମାମଲା ନଂ୧୩୨/୨୨ରେ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କଠାରୁ ଏକ ଖଣ୍ଡା ଜବତ ହୋଇଛି। ପ୍ରକାଶ ଯେ, ଗତ ୧ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମାଣା ଗ୍ରାମର ଟୁକୁନା ମଲ୍ଲିକ ତାଙ୍କ ସମ୍ପର୍କୀୟ ଏକ ବିବାହ ଉତ୍ସବରେ ଯୋଗ ଦେବା ସହ କନ୍ୟାଯାତ୍ରୀରେ ବ୍ରହ୍ମପୁର ଆସିଥିଲେ। କୌଣସି କାରଣକୁ ନେଇ ବରଯାତ୍ରୀରେ ଆସିଥିବା କେତେଜଣ ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ର କରି ସେହି ସନ୍ଧ୍ୟାରେ କିଛି ଯୁବକ ଆସି ଟୁକୁନାଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରବାରୁ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବଡ଼ ବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟୁକୁନାଙ୍କୁ ଉଦ୍ଧାର କରି ମେଡ଼ିକାଲାରେ ଭର୍ତ୍ତି କରିଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଜମିକିଣା ନାଁରେ ମହିଳାଙ୍କଠାରୁ ୧୭ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୩।୬:** ଜମି କିଣିବାକୁ ଯାଇ ଜଣେ ମହିଳା ୧୭ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଟଙ୍କା ନେଇଥିବା ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ଜମି ଦେଉନଥିବା ବେଳେ ଟଙ୍କା ମଧ ଫେରାଉନାହାନ୍ତି। ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏ ନେଇ ମହିଳା ଜଣଙ୍କ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଅନୁଯାୟୀ, କମାପଲ୍ଲୀର ଗୀତାଞ୍ଜଳୀ ପାଢ଼ୀ ସଦର ଥାନା ଅନ୍ତର୍ଗତ ଶକ୍ତିନଗର ୭ମ ଲାଇନର ପ୍ରସନ୍ନ କୁମାର ଲେଙ୍କାଙ୍କ ଠାରୁ ଏକ ଜମି କିଣିବାକୁ ଅଗ୍ରୀମ ୮ ଲକ୍ଷ ଟଙ୍କା ଦେଇଥିଲେ। କନିଷ୍ଠି ତହସିଲ ଅନ୍ତର୍ଗତ ଭାବିନୀପୁର ମୌଜାରେ ଥିବା ୦.୦୨୮ ଏକର ଜମି କିଣାବିକା ପାଇଁ ଉଭୟଙ୍କ ମଧରେ ଏକ ଚୁକ୍ତିନାମା ମଧ ହୋଇଥିଲା। ଚୁକ୍ତି ଅନୁସାରେ ଗୀତାଞ୍ଜଳୀ ପରବର୍ତ୍ତୀ ସମୟରେ ପ୍ରସନ୍ନଙ୍କୁ ପୁଣି ୯ ଲକ୍ଷ ଟଙ୍କା ଦେଇଥିଲେ। ଏହିକ୍ରମରେ ଗୀତାଞ୍ଜଳି ଜମି କିଣିବା ବାବଦକୁ ମୋଟ ୧୭ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦୀର୍ଘଦିନ ପରେ ବି ପ୍ରସନ୍ନ ଉକ୍ତ ଜମି ମହିଳାଙ୍କ ନାମରେ ପଞ୍ଜୀକରଣ କରି ନ ଥିଲେ। ଅନ୍ୟପଟେ ଗୀତାଞ୍ଜଳି ଯେଉଁ ଜମି କିଣିବାକୁ ଟଙ୍କା ଦେଇଥିଲେ ସେହି ଜମିକୁ ପ୍ରସନ୍ନ ଅନ୍ୟ ଜଣଙ୍କୁ ବିକିବାକୁ ଚୁକ୍ତି କରିଥିବା ସେ ଜାଣିବାକୁ ପାଇଥିଲେ। ଜମି ପଞ୍ଜୀକରଣ କରାଇଦେବାକୁ ପ୍ରସନ୍ନଙ୍କ ଘରକୁ ଯିବାରୁ ସେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

### ପିତଳ ଛକରେ ଖୋଲିବ ଆଉଟ ପୋଷ୍ଟ

ଛତ୍ରପୁର,୩।୬(ଡି.ଏନ.ଏ. ): ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଶେରଗଡ଼ ବ୍ଲକ ଅଧୀନ ତଥା ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକ ନିକଟରେ ଏକ ପୋଲିସ ଆଉଟ ପୋଷ୍ଟ ଖୋଲାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ପିତଳଛକ, ଆସ୍କା ଓ ବ୍ରହ୍ମପୁର ରାସ୍ତା ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ଛକ। ଦୈନିକ ଏହି ଛକରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ଶେରଗଡ଼ ବ୍ଲକର ଏହା ଏକ ପ୍ରମୁଖ ଛକ। ଏହି ପୋଲିସ ଆଉଟ ପୋଷ୍ଟରେ ଜଣେ ସବଇନ୍ସପେକ୍ଟର ର୍ୟାଙ୍କ ର ପୋଲିସ ଅଧିକାରୀଙ୍କ ସହ ଜଣେ ହାବିଲଦାର ଓ ୬ ଜଣ କନଷ୍ଟେବଲ କାର୍ଯ୍ୟରତ ରହିବେ। ଏଠାରେ ଏକ ଆଉଟ ପୋଷ୍ଟ ଖୋଲାଯିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ବହୁତ ଦିନର ଦାବି ଥିଲା। ମୁଖ୍ୟମନ୍ତ୍ରୀ ଏହି ଦାବିକୁ ପୂରଣ କରିଛନ୍ତି।

# ସ୍ମାର୍ଟସ୍କୁଲ ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ/ପୁରୁଷୋତ୍ତମପୁର/ବୁଗୁଡ଼ା/ଆସିକା(ଡି.ଏନ୍.ଏ),୩।୬**

ଗଞ୍ଜାମ ଜିଲାରେ ରୂପାନ୍ତରୀକରଣ ହୋଇଥିବା ୨୩୦ଟି ହାଇସ୍କୁଲକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧମରେ ଲୋକାର୍ପିତ କରିଛନ୍ତି। ଏ ନେଇ ବ୍ରହ୍ମପୁର ସହରର ବିନାୟକ ଆଚାର୍ଯ୍ୟ ହାଇସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ୫-ଟି ମାଧମରେ ହୋଇଥିବା ଏହି ସ୍କୁଲଗୁଡିକରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ପରେ ଉକ୍ତ ସ୍କୁଲର ଛାତ୍ରୀ ଅର୍ପିତା ଚୌଧୁରୀ ସ୍ମାର୍ଟ ସ୍କୁଲ ହେବା ପରେ ସ୍କୁଲରେ ଅତ୍ୟାଧୁନିକ ଲ୍ୟାବ, ଇ-ଲାଇବ୍ରେରୀ ହେବା ଦ୍ୱାରା ପାଠପଢ଼ାରେ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ସ୍କୁଲ ପରିସରରେ ହାଇଜେନିକ ଶୌଚାଳୟ ହୋଇଛି। ଉନ୍ନତମାନର ଖେଳପଡିଆ ଖେଳକୁଦରେ ଆମକୁ ସହାୟକ ହେଉଛି ବୋଲି କହିଥିଲେ। ସ୍କୁଲ ପରିସରରେ ଏକ ଉନ୍ନତ ବାତାବରଣ କାରଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ଆସୁଛି। ସ୍କୁଲ ଆସିବା ପାଇଁ ବହୁତ ଖୁସି ଲାଗୁଛି ବୋଲି ଅର୍ପିତା କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଭବିଷ୍ୟତରେ କ'ଣ ହେବାକୁ ଲକ୍ଷ୍ୟ ରଖିଛ ମୁଖ୍ୟମନ୍ତ୍ରୀ ପଚାରିବାରୁ ସେ ଜଣେ ଆଇପିଏସ ଅଫିସର ହେବେ ବୋଲି କହିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିଜ ଅଭିଭାଷଣରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହୋଇପାରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧମରେ ବହୁ ଗରିବ ଲୋକ ଉନ୍ନତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ସେହିପରି ବର୍ତ୍ତମାନ ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୩୦ ସ୍କୁଲ ସ୍ମାର୍ଟ ସ୍କୁଲରେ ରୂପାନ୍ତରୀକରଣ ହେବା ପରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉନ୍ନତ ଶିକ୍ଷା ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହା ରାଜ୍ୟର ପ୍ରଗତିକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଏଥିପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୧୩୩ଟି ସ୍ମାର୍ଟ ସ୍କୁଲ ଲୋକାର୍ପିତ ହୋଇଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଛତ୍ରପୁର ବିଧାୟକ ସୁବାସ ବେହେରା, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଚିକିଟି ବିଧାୟିକା ଉଷା ଦେବୀ, ଜିଲା ପରିଷଦା ଅଧକ୍ଷା ଅଞ୍ଜଳି ସ୍ୱାଇଁ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଡେପୁଟି ମେୟର ଇ.ବିବେକ ରେଡ୍ଡି, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକର ସର୍ବପୁରାତନ ନରସିଂହ ଦାଶ ହାଇସ୍କୁଲ ସମେତ ୧୩ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ଏଠାରେ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସାହୁ ଓ ବୃନ୍ଦାବନ ଡାକୁଆ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ଏନ୍‌ଏସି ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ ରାଜୁଗୋପାଳ ରାଓ, ପ୍ରଫୁଲ୍ଲ କୁମାର ରଥ, ପ୍ରମୋଦ କୁମାର ମହାନ୍ତି, ବିଦ୍ୟାଳୟର ସଭାପତି ବିରଞ୍ଚି ନାରାୟଣ ପାଳ ପ୍ରମୁଖ ଯୋଗଦେଇଥିଲେ। ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୩ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଉଦଘାଟିତ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୧ଟି ରୁପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଭିସିରେ ଲୋକାର୍ପିତ କରିଛନ୍ତି। ଅବଶିଷ୍ଟ ୧୪ଟି ବିଦ୍ୟାଳୟ ତୃତୀୟ ପର୍ଯ୍ୟାୟରେ ରୂପାନ୍ତରୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡିଓ ତନ୍ମୟ ପାତ୍ରଙ୍କ ଠାରୁ ସୂଚନା ମିଳିଛି । ଆସିକା ବ୍ଲକର ୧୪ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧମରେ ଲୋକାର୍ପଣ କରିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଏତଦ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଡିଓ ରୋଶନ ଶତପଥି, ଗୋଷ୍ଠି ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ମନୋଜ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା ସମେତ ସଂପୃକ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ସାମିଲ ଥିଲେ ।



ବ୍ରହ୍ମପୁରସ୍ଥିତ ବିନାୟକ ଆଚାର୍ଯ୍ୟ ହାଇସ୍କୁଲ ପରିସରରେ ଉପସ୍ଥିତ ବିଧାୟକ, ବିଧାୟିକା ଓ ମନ୍ତ୍ରୀ ଏବଂ ଅନ୍ୟମାନେ।

### ଗଞ୍ଜାମ ଜିଲା: ୨୩୦ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

## ଯୁବକଙ୍କୁ ଅପହରଣ ଘଟଣାର ଷଡ଼ଯନ୍ତ୍ରକାରୀ ଗିରଫ

**ବୁଗୁଡ଼ା,୩।୬(ଡି.ଏନ.ଏ)**

ବୁଗୁଡ଼ା ବଡ଼ଦାଣ୍ଡ ସାହିର ପପୁ ସାହୁଙ୍କୁ କାର୍ ସହ ଅପହରଣ ଘଟଣାରେ ସମ୍ପୃକ୍ତ ଷଡଯନ୍ତ୍ରକାରୀକୁ ସ୍ଥାନୀୟ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଷଡଯନ୍ତ୍ରକାରୀ ହେଲେ ବୁଗୁଡ଼ା ନେଳିଆ ବନ୍ଧ ସାହିର ସୀମାଞ୍ଚଳ ବେହେରା। ପପୁଙ୍କ ଅଭିଯୋଗ ପ୍ରକାରେ ବୁଗୁଡା ଥାନାରେ ନଂ. ୧୦୬/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଗତ ଫେବୃୟାରୀ ୧୩ ରାତିରେ ସୀମାଞ୍ଚଳର ଷଡଯନ୍ତ୍ର ପ୍ରକାରେ, ଚମାଖଣ୍ଡି ଗ୍ରାମର ବି.ଦେବରାଜ ରେଡ୍ଡୀ ଓ ଅନ୍ୟ ଦୁଇ ଜଣ ମିଶି ପପୁର କାର (ନଂ-ଓଡି ୦୨ ବିଟି ୧୦୫୮)କୁ ଭଡା ବାହାନାରେ ନେଇ ପାଟପୁର ନିକଟସ୍ଥ ଏକ ଜଙ୍ଗଲିଆ ରାସ୍ତାରେ ରଖିବାକୁ କହିଥିଲେ। ପପୁ ଗାଡି ରଖିବା ପରେ ତାଙ୍କୁ ନିସ୍ତୁକ ମାଡ ମାରି ସେ ପିନ୍ଧିଥିବା ସୁନା ଚେନ ଓ ମୁଦି, ରୁପା ବ୍ରେସଲେଟ ଏବଂ ୩ ହଜାର ଟଙ୍କା ଛଡାଇ ନେବା ସହ ଦେଢ ଲକ୍ଷ ଟଙ୍କା ଦାବି କରି ଧମକ ଦେଇଥିଲେ। ପରେ ସେମାନେ ପପୁଙ୍କୁ ଅପହରଣ କରି ନେଇଯାଉଥିବା ବେଳେ ନିମଖଣ୍ଡିଠାରେ ସେ କୌଶଳରେ ଗାଡିରୁ ଡେଇଁ ପଡିଥିଲେ।ସେଠାରେ ଲୋକ ଗହଳି ହେବାରୁ ଦୁର୍ବୃତ୍ତମାନେ ଗାଡି ଧରି ଫେରାର ହୋଇଯାଇଥିଲେ। ପପୁ ଆହତ ଅବସ୍ଥାରେ ସେଠାରୁ ଫେରିଆସି ଫେବୃଆରୀ ୧୫ରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ।

# ବିଶ୍ୱ ସାଇକେଲ ଦିବସ

**ବ୍ରହ୍ମପୁର ଅଫିସ,୩।୬:**

ବିଶ୍ୱ ବାଇସାଇକେଲ ଦିବସ ଅବସରରେ ଶୁକ୍ରବାର ନେହରୁ ଯୁବ କେନ୍ଦ୍ର ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ସାଇକେଲ ରାଲି ଗୋସାଇଁ ନୂଆଗାଁ କେସି ହାଇସ୍କୁଲଠାରୁ ବାହାରି ବିଜିପୁର-ଖଲ୍ଲିକୋଟ କଲେଜ-ଷ୍ଟେଟ ବ୍ୟାଙ୍କ ରୋଡ଼ ଦେଇ ପୁଣି କେସି ହାଇସ୍କୁଲକୁ ଆସିଥିଲା । ଯୁବକେନ୍ଦ୍ରର ସଭାପତି ବିନୋଦ କୁମାର ସାବତଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲିକୁ ୨୬ ନମ୍ବର ୱାର୍ଡ କର୍ପୋରେଟର ଧିରେସ ସାବତ ପତାକା ଦେଖାଇ ଆରମ୍ଭ କରିଥିଲେ। ଗ୍ଲୋବାଲ ୱାର୍ମିଂ ସମସ୍ୟାର ସମାଧାନ ସହ ଅସ୍ୱାସ୍ଥ୍ୟକର ଜୀବନଶୈଳୀକୁ ଦୂର କରିବା ପାଇଁ ସମସ୍ତେ ସାଇକେଲ ବ୍ୟବହାର କରିବା ଦରକାର ବୋଲି ଜାତୀୟ ଯୁବ ସ୍ୱେଚ୍ଛାସେବୀ ବିନୋଦ କୁମାର ପରାମର୍ଶ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୁଭଦ୍ରା ଶୁକ୍ଳାଙ୍କୁ ନେହରୁ ଯୁବ କେନ୍ଦ୍ର ତରଫରୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସୁଭଦ୍ରା ଶୁକ୍ଳା , ଟାଟା ବିଜୟଲକ୍ଷ୍ମୀ, ରାଣୀ ସାହୁ, କ୍ରିଷ୍ଣା ପ୍ରସାଦ ଦାସ , ମୁକେଶ ପାଢ଼ୀ, ରାଜଶେଖର ସାହୁ, ବାଦଲ ସାହୁ, ରବି ପଳେଇ , ଟୁଟୁ ସାହୁ, ଅର୍ଜୁନ ବିଶୋୟୀ, ସନ୍ତୋଷ ସାହୁ, ସୁମନ୍ତ ମହାରଣା, କେଦାରନାଥ ବେହେରା ପ୍ରମୁଖ ସାଇକେଲ ରାଲିରେ ଅଂଶ ଗ୍ରହଣ କରିଥିଲେ।




ସାଇକେଲ ରାଲିକୁ ସବୁଜ ପତାକା ଦେଖାଇ ଆରମ୍ଭ କରାଯାଉଛି।

## ଘର ଛାଡିବାକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଧମକ

**ବ୍ରହ୍ମପୁର ଅଫିସ,୩।୬:**

ଜଣେ ଅସହାୟା ମହିଳାଙ୍କୁ ଘର ଛାଡିବାକୁ ବନ୍ଧୁକ ଦେଖାଇ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ବଡବଜାର ଥାନା ପୋଲିସ ନଂ.୧୨୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜରୁ ପୋଲିସ ତଥ୍ୟ ସଂଗ୍ରହ କରିଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ହନୁମାନ ନଗରରେ ରହୁଥିବା ମିରା ସାହୁଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିସାରିଛି। ତାଙ୍କ ଘରକୁ ଯାଇ କେତେଜଣ ଅସାମାଜିକ ଯୁବକ ଯାଇ ତାଙ୍କୁ ବନ୍ଧୁକ ଦେଖାଇ ପରିବାର ସହ ଘରୁ ବାହାରି ଯିବାକୁ ଧମକ ଦେଇଥିଲେ। ସେହିପରି ନିକଟରେ ତାଙ୍କ ନାମରେ ଥିବା ଏକ ଜମିକୁ ମଧ ହସ୍ତାନ୍ତର କରି ଦେବାକୁ ମଧ କହିଥିଲେ। ଭୟଭୀତ ହୋଇ ମୀରା ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି।

# ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

**ଆସିକା,୩।୬(ଡିଏନ.ଏ)**

କେନ୍ଦ୍ରର ମୋଦି ସରକାରଙ୍କ ଗତ ୮ ବର୍ଷରେ ଦିଆଯାଇଥିବା ଜନସାଧାରଣଙ୍କୁ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନିରନ୍ତର ଯାତ୍ରା ସମ୍ପର୍କରେ ଘୁମୁସର ଜିଲା ଭାଜପା ପକ୍ଷରୁ ଆଲୋଚନା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ମୋଦି ସରକାରର ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ମନ୍ତ୍ର ସହ ରାଷ୍ଟ୍ର ସେବା ହିଁ ମୁଳ ଲକ୍ଷ୍ୟ ଚିନ୍ତାଧାରା ଆଜି ଗ୍ରାମାଞ୍ଚଳର ଗରିବ, କୃଷକ, ଦଳିତ, ପିଡିତ, ପଛୁଆବର୍ଗ ଯୁବକ ଓ ମହିଳାଙ୍କ ସାମଗ୍ରୀକ କ୍ଷେତ୍ରରେ ବିକାଶ ଲାଗି ଦୃଢ ପଦକ୍ଷେପ ନିଆଯାଇଛି । ଆତଙ୍କବାଦ ଓ ଭ୍ରଷ୍ଟାଚାର ବିରୋଧରେ ଜିରୋ ଟୋଲରେନ୍ସ ନୀତି ସହ କଲ୍ୟାଣକାରୀ ଅର୍ଥ ବ୍ୟବସ୍ଥାର ଉନ୍ନତି ଘଟିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛଭାରତ ଯୋଜନା, ଉଜ୍ଜ୍ୱଳା ଯୋଜନା, ଗରିବ କଲ୍ୟାଣ ଅନ୍ନ ଯୋଜନା, କିଷାନ ସମ୍ମାନନୀଧି ଯୋଜନା, ଫସଲ ବୀମା ଯୋଜନା, ଆୟୁଷ୍ମାନ ଯୋଜନା, କୃଷକ ଓ ଶ୍ରମିକଙ୍କୁ ପେନସନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧମରେ ଜନସାଧାରଣ ବିଶେଷ ଉପକୃତ ହେଉଛନ୍ତି। ତେବେ ରାଜ୍ୟ ସରକାର ଏଥିରୁ ବହୁ ଯୋଜନାରେ କେନ୍ଦ୍ରକୁ ସହଯୋଗ କରୁନଥିବାରୁ ରାଜ୍ୟର ଜନସାଧାରଣ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ବହୁ କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ସରକାର ବାହାବାହ ନେବା ଲାଗି ଏଥିରେ ରାଜ୍ୟର ମୋହର ମାରି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ମଧ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସ, ନୀଳମଣି ବିଷୋୟୀ, ମହେଶ ମହାନ୍ତି, ଅରୁଣ କୁମାର ପଣ୍ଡା, ନାରାୟଣ ବେହେରା, ପ୍ରଭାକର ପଣ୍ଡା, ବିନାୟକ ତ୍ରିପାଠୀ, ରବିନ୍ଦ୍ରନାଥ ପୋଲାଇଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ମୋହନ ନାୟକଙ୍କ ୧୦୧ ତମ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୩।୬**

ବ୍ରହ୍ମପୁର ନଗର ହାଡ଼ିକୂଳ ମହାସଂଘ ପକ୍ଷରୁ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ମୋହନ ନାୟକଙ୍କ ୧୦୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ସବ ରେଜିଷ୍ଟ୍ରାର ଅଫିସ ଛକଠାରେ ଥିବା ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ଧାନମେରାସାହି ସ୍ଥିତ ଗାନ୍ଧୀ ମଣ୍ଡପଠାରେ ମୋହନ ନାୟକଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ପୂର୍ବତନ କର୍ପୋରେଟର ଅନୀଲ କୁମାର ନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧମରେ ସଂଘର ପୂର୍ବତନ ସଭାପତି ସୁକାନ୍ତ ମୁଖୀ, ଆଇନଜୀବୀ ପ୍ରଶାନ୍ତ ନାୟକଙ୍କ ସମେତ ଦେବେନ୍ଦ୍ର ଘଡେଇ, ଚିନ୍ତାମଣି ନାୟକ, ମାଗୁଣି ନାୟକ, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆମ୍ବେଡକର ସାଂସ୍କୃତିକ ଯୁବକ ସଂଘ, ହିନ୍ଦ ମଜଦୁର ପକ୍ଷରୁ ମୋହନ ନାୟକଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ସଂଘର ଉପଦେଷ୍ଟା ଡ.ନିରଞ୍ଜନ ପାଣିଗ୍ରାହୀ, ଉପସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଂପାଦକ ପଦ୍ମ ଚରଣ ନାୟକ, ବରିଷ୍ଠ ସଦସ୍ୟ ସଂଚାରୁ ସେଠୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ହାଡିକୁଳ ମହାସଂଘ ପକ୍ଷରୁ ମୋହନ ନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି।

# ଆଇଟିଆଇ ପକ୍ଷରୁ କ୍ୟାମ୍ପସ ଚୟନ



କ୍ୟାମ୍ପସ ଚୟନରେ ଯୋଗ ଦେଇଥିବା ଆଇଟିଆଇ ଛାତ୍ର।

**ବ୍ରହ୍ମପୁର ଅଫିସ,୩।୬**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ୨ ଦିନିଆ କ୍ୟାମ୍ପସ ଚୟନ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ଗୁଜରାଟ ସ୍ଥିତ ସୁଜୁକି ମୋଟର୍ସ କଂପାନୀ ଯୋଗ ଦେଇଥିଲା। ଆଇଟିଆଇରେ ଛାତ୍ରୀଛାତ୍ରମାନେ ପାସ କରିବା ପରେ କ୍ୟାମ୍ପସ ଚୟନରେ ନିଯୁକ୍ତି ପାଇଥାନ୍ତି। ମାତ୍ର ବର୍ତ୍ତମାନ ବହୁ କମ୍ପାନୀ ଆଇଟିଆଇକୁ ଆସି ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ପୂର୍ବରୁ ଚୟନ କରି ସେମାନଙ୍କ କମ୍ପାନୀରେ ନିଯୁକ୍ତି ଦେଉଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଚଳିତ ଥର କ୍ୟାମ୍ପସ ଚୟନରେ ଆଇଟିଆଇରୁ ୩୫୦ ଛାତ୍ରଙ୍କ ମଧ୍ୟରୁ ୨୪୫ ଛାତ୍ର ଚୟନ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ଏହି ଛାତ୍ରମାନେ କମ୍ପାନୀରେ ଯୋଗ ଦେବେ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ସୁଜୁକି କମ୍ପାନୀର ୨ ଏଚଆର ବିକାଶ ମିଶ୍ର ଓ ବିନୟ କୁମାର ଆଇଟିଆଇକୁ ଆସି ଛାତ୍ରମାନଙ୍କୁ ଚୟନ କରିଥିଲେ। କ୍ୟାମ୍ପସ ଚୟନରେ ଆଇଟିଆଇର ଫିଟର, ଇଲେକ୍ଟ୍ରିସିଆନ, ମେକାନିକ୍, ଟର୍ନର, ଅଟୋମୋବାଇଲ, ପେଣ୍ଟର ଓ ୱେଲଡର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ପରିବେଶ ସୁରକ୍ଷାରେ ବ୍ରତୀ ସୁବାସ

**ବ୍ରହ୍ମପୁର ଅଫିସ,୩।୬**

ରେଶମ ସହରରେ ପରିବେଶ ସୁରକ୍ଷା ନିମନ୍ତେ ଦୀର୍ଘ ୩୦ ବର୍ଷ ଧରି ବିଭିନ୍ନ ଚାରାରୋପଣ କରି ତାହାର ଉପଯୁକ୍ତ ଯତ୍ନ ନେବାରେ ରେକର୍ଡ଼ ସୃଷ୍ଟି କରିଛନ୍ତି ସୁବାସ ମହାରଣା। ବୃକ୍ଷବନ୍ଧୁ, ଗଛ ମଣିଷ ଭାବେ ପରିଚିତ ସୁବାସ ଏ ପର୍ଯ୍ୟନ୍ତ ପ୍ରାୟ ୪୦ ହଜାର ଚାରା ଲଗାଇ ସାରିଲେଣି। ସମାଜସେବା କ୍ଷେତ୍ରରେ ଜଡ଼ିତ ସୁବାସ ପୂର୍ବରୁ ବିଡିଏର ଅଧ୍ୟକ୍ଷ ଥିଲେ। ବର୍ତ୍ତମାନ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଓ ରାଜ୍ୟ ବିଜେଡ଼ି ସମ୍ପାଦକ। ତାଙ୍କ ମତରେ ବଦଳୁଥିବା ପାଣିପାଗ ଓ ବିଶ୍ୱ ତାପନକୁ ଆୟତ୍ତ କରିବା ନିମନ୍ତେ ଯଥେଷ୍ଟ ଚାରାରୋପଣ କରି ସବୁଜ ବନାନୀ ସୃଷ୍ଟି କରିବା ଏକମାତ୍ର ବିକଳ୍ପ। ଜୀବସତ୍ତା ଓ ମାନବ ସମାଜ ବଞ୍ଚିରହିବା ନିମନ୍ତେ ବୃକ୍ଷ ନିହାତି ଆବଶ୍ୟକ। ଯେଉଁ ଦେଶ ଯେତେ ମାତ୍ରାରେ ସବୁଜ ସୁନ୍ଦର ଥାଏ, ସେହି ଦେଶ ସେତେ ସମୃଦ୍ଧ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ମାନବ ସମାଜ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ବୃକ୍ଷ ଉପରେ ନିର୍ଭରଶୀଳ। ଜଣେ ବ୍ୟକ୍ତି ତାର ଜୀବନ କାଳରେ ମଧରେ ଅତି କମରେ ୧୫ଟି ବୃକ୍ଷ ଆବଶ୍ୟକ କରେ। ପୃଥିବୀରୁ ଖାଲି ହେଉଥିବା ବୃକ୍ଷର ସ୍ଥାନ ପୂରଣ ନ କରିପାରିଲେ ଆଗାମୀ ପୀଢ଼ି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବ, ବୃକ୍ଷରୁ ମିଳୁଥିବା ପ୍ରତ୍ୟେକ ଉପାଦାନରୁ ମଧ ବଞ୍ଚିତ ହେବ। ଏଣୁ ଜୀବସତ୍ତା ନିମନ୍ତେ ପ୍ରଥମେ ଗଛ ଗଛ ଓ ଗଛ ବାକିସବୁ ପଛ ବୋଲି ସୁବାସ କହିଛନ୍ତି। ଜଣେ ବ୍ୟକ୍ତି ୧୫ ଟି ନ ହେଲେ ସୁଦ୍ଧା ଗୋଟିଏ ଚାରାରୋପଣ କରି ତାହାର ଉପଯୁକ୍ତ ଯତ୍ନ ନିଅନ୍ତୁ ବୋଲି ସେ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ବିଭିନ୍ନ ସାମାଜିକ ଆସର, ମାଙ୍ଗଳିକ କାର୍ଯ୍ୟକ୍ରମରେ ଲୋକଙ୍କୁ ଚାରା ବାଣ୍ଟିବା ସହ ତାହାକୁ ରୋପଣ କରି ଉପଯୁକ୍ତ ଯତ୍ନ ନେବାକୁ ସେ ପ୍ରବର୍ତ୍ତାଇଥାନ୍ତି। ନିଜର ବ୍ୟସ୍ତବହୁଳ ଜୀବନରେ ଅନ୍ତତଃ ଘଣ୍ଟାଏ ନିୟମିତ ଗଛ ପାଇଁ ସମୟ ଦେଇଥାନ୍ତି। ଏଥିରୁ ତାଙ୍କୁ ଆତ୍ମତୃପ୍ତି ମିଳେ ବୋଲି କହିଛନ୍ତି। ସୁବାସ ନିଜ ଉଦ୍ୟମ ଓ ଖର୍ଚ୍ଚରେ ସହରରେ ଚାରାରୋପଣ କରିବା ସହ ତାହାର ଉପଯୁକ୍ତ ଯତ୍ନ ନେବା ନିମନ୍ତେ ୩ ଜଣ ଲୋକଙ୍କୁ କାର୍ଯ୍ୟରେ ଲଗାଇଥାନ୍ତି। ସୁବାଷଙ୍କ ପ୍ରଚେଷ୍ଟାରେ ସହର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଓ ସାହି ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲାଗିଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଥିବା ଖାଲି ସ୍ଥାନ, ଖେଳପଡ଼ିଆ ଚତୁପାର୍ଶ୍ୱରେ ଚାରାରୋପଣ କରିଛନ୍ତି। ସୁବାସ ଆନ୍ଧ୍ରର ରାଜମହେନ୍ଦ୍ରୀରୁ ପ୍ରାୟ ୧୦୦୦ ଚାରା ମଗାଇଛନ୍ତି। ଏହାକୁ ଆସନ୍ତା ରବିବାର ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆ ଚତୁପାର୍ଶ୍ୱରେ ଲଗାଇବାକୁ ଯୋଜନା କରିଛନ୍ତି। ବଳକା ଚାରାକୁ ବନ ମାହାତ୍ସବ ସପ୍ତାହ ଅବସରରେ ସହର ଏବଂ ସହର ପାର୍ଶ୍ୱ କେତେକ ସ୍ଥାନରେ ରୋପଣ କରିବେ ବୋଲି ସୁବାସ କହିଛନ୍ତି।



ବୃକ୍ଷବନ୍ଧୁ ସୁବାସ ମହାରଣାଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ ଚାଲିଛି।

